# ଅଭିନବ
# ବୀଜ ଗାଣିତିକ
# ବର୍ଷ-ବିଜ୍ଞାନ

( ୧ମ ଭାଗ )



ସଂକଳକ—ଶ୍ରୀ ହରିହର ପ୍ରସାଦ ଶତପଥି

ସଂକଳକ—ଶ୍ରୀ ହରିହର ପ୍ରସାଦ ଶତପଥି

ପ୍ରକାଶକ—ମା ମାର୍କମା
କିଶୋର ସାହିତ୍ୟ ପ୍ରଗତି ମନ୍ଦିର
ବିଷମ କଟକ (କୋରାପୁଟ)

ବିତରକ—ଭାରତୀୟ ସେବା ସଂସ୍ଥା
ଲମାପଦର (କୋରାପୁଟ)

ମୁଦ୍ରଣ— ଶ୍ରୀକୃଷ୍ଣ ପ୍ରିଣ୍ଟିଂ ପ୍ରେସ୍
ମହତାବ ରୋଡ, ଭୁବନେଶ୍ୱର-୨

ଶୁଭମୁକ୍ତି—୨୭-୧-୧୯୯୦

ସହଯୋଗ—ଅନେଶୋତ ପଇସା ମାତ୍ର

# ସଂକଳନ ସଂପର୍କରେ ପଦେ

ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀ ହାଇସ୍କୁଲ ସ୍ତରରେ ଗଣିତରେ କମ ନମ୍ବର ଆଣିବାର ଗୋଟିଏ କାରଣ ହେଉଛି, ଗାଣିତିକ ପ୍ରକ୍ରିୟାଗତ ବିଧି ସମ୍ପର୍କରେ ମୌଳିକ ଜ୍ଞାନର ଅଭାବ । ସଂକଳିତ ବହିଟି ଛାତ୍ରଛାତ୍ରୀ-ମାନଙ୍କର ଉକ୍ତ ଅସୁବିଧା କିଞ୍ଚିତ ଦୂର କରିପାରିଲେ, ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ।

ଏ ପୁସ୍ତିକା ପ୍ରକାଶନ ସକାଶେ ପ୍ରେରଣା ଓ ସହଯୋଗ କରିଥିବା ଯୋଗୁଁ ମୋର ଶ୍ରଦ୍ଧେୟ ବନ୍ଧୁ ଶ୍ରୀ ସରୋଜ କୁମାର ମିଶ୍ର, ଶ୍ରୀ ସଦାନନ୍ଦ ସାହୁ, ଟିଲୁ, ପିଣ୍ଟୁ, ବାବୁଲି ତଥା ମା ମାର୍କମା କିଶୋର ସାହିତ୍ୟ ପ୍ରଚାର ମନ୍ଦିର, ବଝମ କଟକଙ୍କ ନିକଟରେ କୃତଜ୍ଞ ।

ସଂକଳକ

ତା ୨୬।୧।୯୦ ରିଖ,
ସାଧାରଣତନ୍ତ୍ର ଦିବସ

# ସରଳୀକରଣ ପାଇଁ ନିୟମ

୧ ବହୁପଦ ବିଶିଷ୍ଟ ରାଶିରେ +, −, ×, ÷, ର ଓ ( ) ଇତ୍ୟାଦି ଗାଣିତିକ ସଙ୍କେତ ଗୁଡ଼ିକ ଏକାଠି ଥିଲେ ସେମାନଙ୍କୁ ବନ୍ଧନୀ (Bracket), ର (Of), ହରଣ (Division), ଗୁଣନ (Multiplication), ମିଶାଣ (Addition), ଓ ଫେଡ଼ାଣ (Subtraction) କ୍ରମରେ ସରଳ କରାଯାଏ । ଏହାକୁ ସଂକ୍ଷେପରେ **BODMAS** (ବଡ୍ମାସ) ନିୟମ ବୋଲି ମନେ ରଖାଯାଏ । ଏକାଧିକ ବନ୍ଧନୀ କ୍ଷେତ୍ରରେ ରେଖା ବନ୍ଧନୀ (—), ଚନ୍ଦ୍ରବନ୍ଧନୀ ( ), କୁଟିଳ ବନ୍ଧନୀ { } ଓ ବର୍ଗବନ୍ଧନୀ [ ] କ୍ରମରେ ଅପସାରଣ କରାଯାଏ ।

୨ ବନ୍ଧନୀ ପୂର୍ବରୁ ଯୁକ୍ତ (+) ଚିହ୍ନ ଥିଲେ, ବନ୍ଧନୀ ଅପସାରଣ ପରେ, ବନ୍ଧନୀ ଅନ୍ତର୍ଭୁକ୍ତ ପଦମାନଙ୍କର ଚିହ୍ନ (+, −) ପରିବର୍ତ୍ତିତ ହୁଏ ନାହିଁ ।

୩ ବନ୍ଧନୀ ପୂର୍ବରୁ ବିଯୁକ୍ତ (−) ଚିହ୍ନ ଥିଲେ ବନ୍ଧନୀ ଅପସାରଣ ପରେ ବନ୍ଧନୀ ଅନ୍ତର୍ଭୁକ୍ତ ପଦମାନଙ୍କର ଚିହ୍ନ (+, −) ବଦଳେ ।

୪ ଏକାଧିକ ରାଶିବିଶିଷ୍ଟ ଲବ ଥିବା ଭଗ୍ନାଂଶକୁ ବିଶ୍ଳେଷଣ କରି ନିମ୍ନ-ମତେ ଲେଖିହୁଏ, ଯଥା :—

$$\frac{a \pm b \pm \cdots}{x} = \frac{a}{x} \pm \frac{b}{x} \pm \cdots$$

୫ ବନ୍ଧନୀପଦ ବିଶିଷ୍ଟ ରାଶିର କେତେକ (କିମ୍ବା ସମସ୍ତ) ପଦକୁ ନେଇ ବନ୍ଧନୀ ସ୍ଥାପନ କରିବାକୁ ହେଲେ :—

କ) ଯଦି ବନ୍ଧନୀ ପୂର୍ବରୁ ଯୁକ୍ତ (+) ଚିହ୍ନ ରହେ, ତେବେ ବନ୍ଧନୀ ସ୍ଥାପନ ପରେ ବନ୍ଧନୀ ମଧ୍ୟସ୍ଥ ପଦଗୁଡ଼ିକର ଚିହ୍ନ ପୂର୍ବଭଳି ରହେ । କିନ୍ତୁ

ଖ) ଯଦି ବନ୍ଧନୀ ପୂର୍ବରୁ ବିଯୁକ୍ତ (—) ଚିହ୍ନ ରହେ, ତେବେ ବନ୍ଧନୀ ସ୍ଥାପନ ପରେ ବନ୍ଧନୀ ମଧ୍ୟସ୍ଥ ସମସ୍ତ ପଦର ଚିହ୍ନ ପରିବର୍ତ୍ତନ ହୁଏ ।

## ୬ ସଦୃଶ ପଦମାନଙ୍କରେ ଯୋଗ/ବିୟୋଗ ପାଇଁ ନିୟମ

କ) ସଦୃଶ ପଦମାନଙ୍କର ଚିହ୍ନ ସମାନ ଥିଲେ, (ଉଭୟ + ବା —), ସରଳୀକରଣ ପରେ, ସହଗ ଗୁଡ଼ିକର ଯୋଗ ହୁଏ ଏବଂ ଏହି ସରଳୀକୃତ ଫଳରେ ପୂର୍ବ ଚିହ୍ନ ହିଁ ବସେ ।

ଖ) ସଦୃଶ ପଦମାନଙ୍କରେ ବିପରୀତ ଗାଣିତିକ ଚିହ୍ନ ଥିଲେ,(ଗୋଟିଏ +, ଅନ୍ୟଟି —) ସରଳୀକରଣ ପରେ, ବୃହତ୍ତର ସହଗରୁ କ୍ଷୁଦ୍ରତର ସହଗ ବିୟୋଗ କରାଯାଇ ଉକ୍ତ ସରଳୀକୃତ ଫଳରେ ବୃହତ୍ତର ସହଗର ଚିହ୍ନ ହିଁ ବସେ ।

[ସଦୃଶ ପଦ—ସମାନ ଘାତାଂକ ବିଶିଷ୍ଟ ଏକା ଅକ୍ଷର ବା ଅକ୍ଷରମାନଙ୍କ ଦ୍ୱାରା ଗଠିତ ।
ଅସଦୃଶ ପଦ—ପଦଗୁଡିକ ଭିନ୍ନ ଅକ୍ଷର ବିଶିଷ୍ଟ ବା ଏକା ଅକ୍ଷରର ଭିନ୍ନ ଘାତାଂକ ବିଶିଷ୍ଟ ହେଲେ ଅସଦୃଶ ଅଟନ୍ତି]

ଗ) ଯେତୋଟି ଅସଦୃଶ ପଦ ଯୋଗ କରାଯିବ, ଯୋଗଫଳ ସେତିକି ପଦ ବିଶିଷ୍ଟ ଗୋଟିଏ ବହୁପଦ ରାଶି ହେବ ।

୭ ସମ ଆଧାର ବିଶିଷ୍ଟ ପଦମାନଙ୍କରେ ଗୁଣନ (କିମ୍ବା ହରଣ) ପାଇଁ ଚିହ୍ନ ସହ ଚିହ୍ନର, ସହଗ ସହିତ ସହଗର ଓ ରାଶିସହ ରାଶିର ଗୁଣନ (କିମ୍ବା ହରଣ) କରାଯାଏ ।

୮ ଏକାପ୍ରକାର ଚିହ୍ନ ଦ୍ୱୟର ଗୁଣଫଳ (କିମ୍ବା ଭାଗଫଳ) = +

୯ ବିପରୀତ ଚିହ୍ନ ଦ୍ୱୟର ଗୁଣଫଳ (କିମ୍ବା ଭାଗଫଳ) = −

୧୦ ସମ ଆଧାର ବିଶିଷ୍ଟ ରାଶିଗୁଡ଼ିକର ଗୁଣନ (କିମ୍ବା ହରଣ)ରେ ସରଳୀକରଣ ପରେ ଆଧାର ଅପରିବର୍ତ୍ତିତ ରହି ଘାତାଂକ ସବୁ ଯୋଗ (କିମ୍ବା ବିୟୋଗ) ହୁଏ । [* ଘାତାଂକ ନିୟମ ଦେଖ]

## ୧୧ ଭଗ୍ନାଂଶଗୁଡ଼ିକର ଯୋଗ/ବିୟୋଗ ପାଇଁ ନିୟମ

କ) ସମ୍ପୃକ୍ତ ଭଗ୍ନାଂଶଗୁଡ଼ିକର ହରମାନଙ୍କର ଲ:ସା:ଗୁ: ନେଲେ ତାହା ସରଳୀକୃତ ଭଗ୍ନାଂଶର ହର ହେବ ।

ଖ) ଉପରୋକ୍ତ ଲ:ସା:ଗୁ:କୁ ପ୍ରଥମ ଭଗ୍ନାଂଶର ହର ଦ୍ୱାରା ଭାଗ କରି ପ୍ରାପ୍ତ ଭାଗଫଳକୁ ସେହି ଭଗ୍ନାଂଶର ଲବରେ ଗୁଣ ।

ଗ) ଏହି ପ୍ରକ୍ରିୟା ଦ୍ୱାରା ସମସ୍ତ ଭଗ୍ନାଂଶରୁ ପ୍ରାପ୍ତ ମୂଲ୍ୟ ଗୁଡ଼ିକରେ ଯୋଗ ଚିହ୍ନ ବସାଇ ସରଳ କଲେ, ତାହା ସରଳୀକୃତ ଭଗ୍ନାଂଶର ଲବ ହେବ ।

୧୨ ଗୋଟିଏ ଭଗ୍ନାଂଶକୁ ଅନ୍ୟ ଏକ ଭଗ୍ନାଂଶ (କିମ୍ବା ପୂର୍ଣ୍ଣସଂଖ୍ୟା) ଦ୍ୱାରା ଭାଗ କରିବାକୁ ହେଲେ ପ୍ରଥମ ଭଗ୍ନାଂଶକୁ ଦ୍ୱିତୀୟ ଭଗ୍ନାଂଶର ଅନ୍ୟୋନ୍ୟକ (ଲବ ସ୍ଥାନରେ ହର ଓ ହର ସ୍ଥାନରେ ଲବ ନେଲେ) * ଦ୍ୱାରା ଗୁଣିବାକୁ ପଡ଼େ ।